## ସଂକ୍ଷେପରେ

### ବଡ଼ଭାଇଙ୍କୁ ହତ୍ୟା ଘଟଣା
### ସାନଭାଇ କୋର୍ଟ ଚାଲାଣ

ଦଶମନ୍ତପୁର,୧୨।୪(ଡି.ଏନ୍.ଏ)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତ ବଡବାଗ୍ରୀ ଗ୍ରାମରେ ମାଛବଣ୍ଟାକୁ ନେଇ ବଡ଼ଭାଇଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ସମ୍ପର୍କୀୟ ସାନଭାଇ ଧନେଶ୍ୱର ମୁଦୁଲିଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ବଟକରା ଜବତ କରାଯାଇଛି। ଗତ ୧୦ ତାରିଖରେ ବଡ଼ଭାଇ ବିରିଙ୍ଗା ଓ ଧନେଶ୍ୱରଙ୍କ ମଧ୍ୟରେ ମାଛ ଭାଗବଣ୍ଟାକୁ କେନ୍ଦ୍ର କରି ବଚସା ହୋଇଥିଲା। ପରେ ତାହା ଉଗ୍ରରୂପ ନେଇଥିଲା। ଦାଦା ପୁଅ ଭାଇ ଧନେଶ୍ୱର ବଡ଼ଭାଇ ବିରିଙ୍ଗାଙ୍କୁ ବଟକରାରେ ଛେଚି ହତ୍ୟା କରିଥିଲେ। ଏ ନେଇ ହୋଇଥିବା ଏତଲାକୁ କେନ୍ଦ୍ର କରି ସ୍ଥାନୀୟ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଏବଂ ପୋଲିସ ଟିମ ଅଭିଯୁକ୍ତଙ୍କୁ ମଙ୍ଗଳବାର ମଧ୍ୟ ରାତ୍ରରେ ଗିରଫ କରି ପଚରା ଉଚୁରା କରିବା ପରେ ବୁଧବାର ଗିରଫ କରଇଛି। ଏ ନେଇ ନଂ୪୫/୨୩ରେ ହତ୍ୟା ମାମଲା ରୁଜୁ ହୋଇଛି।

### ଦେଶୀମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର,୧୨।୪(ନି.ପ୍ର.)- ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁନ୍ଦୁରା ଥାନା ଅନ୍ତର୍ଗତ ଘିଉରିଆଗୁଡ଼ା ଗ୍ରାମର ହରିହର ବିଷୋୟୀ(୨୨)। ସେ ବାଇକ୍ ଯୋଗେ ଦେଶୀମଦ ଚାଲାଣ କରୁଥିବା ବେଳେ ବାର୍ଲାହାଣ୍ଡିଠାରେ ଅବକାରୀ ବିଭାଗ ଚଢ଼ାଉ କରି ୩୦ ଲିଟର ଦେଶୀମଦ ଜବତ କରିଥିଲା।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ, ୨ ଆହତ

ଜୟପୁର,୧୨।୪(ନି.ପ୍ର)- ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗ୍ରାମର ଶୀତଳା ମନ୍ଦିର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଛି। ଏଥିରେ ୨ ଆହତ ହୋଇଛନ୍ତି। ସେମାନେ ହେଲେ କୁସୁମପୁଟର ଅଶୋକ ବାହାଦୁର ଓ ରାଜା ବିଷୋୟୀ। ପୋଲିସ ସୂଚନା ଅନୁଯାୟୀ, ଗୋବିନ୍ଦ ପଟ୍ଟନାୟକ, ଅଶୋକ ଓ ରାଜା ବିଷୋୟୀ ଗୋଟିଏ ବାଇକ୍‌ରେ ଗ୍ରାମକୁ ଯାଉଥିବା ବେଳେ ମନ୍ଦିର ନିକଟରେ ୨ ବ୍ୟକ୍ତି ରାସ୍ତା ଅବରୋଧ କରି ଆକ୍ରମଣ କରିଥିଲେ। ଏଥିରେ ଅଶୋକ ଓ ରାଜାଙ୍କ ମୁଣ୍ଡ ଫାଟିଛି। ହେଲେ ଅଳ୍ପକେ ବର୍ତ୍ତି ଯାଇଥିଲେ ଗୋବିନ୍ଦ। ଏନେଇ ଗୋବିନ୍ଦ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଗଛରେ ପିଟିହେଲା କାର, ୫ ଆହତ

ମାଲକାନଗିରି, ୧୨।୪(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ପାଣ୍ଡରିପାଣି ଗ୍ରାମ ନିକଟସ୍ଥ ପୂଜାରୀମୁଣ୍ଡାରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ମାଲକାନଗିରିରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ମାଲକାନଗିରି ଅଭିମୁଖେ ଏକ ମାରୁତି ସ୍ୱିଫ୍ଟ କାର (ଓଡି ୧୦ପି-୦୭୩୦) ଦ୍ରୁତ ଗତିରେ ଆସୁଥିବା ବେଳ ପୂଜାରୀମୁଣ୍ଡାଠାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା । ଫଳରେ ଗାଡିରେ ଥିବା ୫ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଶାଖାପାଟଣା ପଠାଯାଇଛି।

# ପଛୁଆ ବର୍ଗଙ୍କର ସାମାଜିକ, ଶିକ୍ଷାଗତ ସ୍ଥିତି ଜାଣିବାକୁ ୧ରୁ ସର୍ଭେ

ରାୟଗଡା ଅଫିସ,୧୨।୪


ସର୍ଭେ ସମ୍ପର୍କରେ ତାଲିମ ଦିଆଯାଉଛି ।

ରାୟଗଡ଼ା ବ୍ଲକ ସଦଭାବନା ଗୃହଠାରେ ଏନୁମରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଜିଲା ନୋଡାଲ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ରାୟଗଡ଼ା ବ୍ଲକ ତାଲିମ ଶିବିରରେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଓଡ଼ିଶାରେ ପ୍ରଥମ ଥର ପାଇଁ ୨୦୮ଟି ପଛୁଆ ବର୍ଗର ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଆଇସିଆର ଫର୍ମ ମାଧ୍ୟମରେ ସର୍ଭେ କରାଯାଉଥିବାରୁ ଅଧିକ ଯତ୍ନବାନ ହେବାକୁ ବେହେରା ସତର୍କ କରାଇଥିଲେ । ଏଥିରେ ବ୍ଲକ ନୋଡାଲ ଅଧିକାରୀ ତଥା ବିଡିଓ ଲକ୍ଷ୍ମୀନାରାୟଣ ସାବତ, ରାୟଗଡ଼ା ତହସିଲଦାର ତାପସ ରାଉତ, ଏବିଡ଼ିଓ କାଳୁ ଚରଣ ନାୟକ ଓ ଜିପିଇଓ ଗୋପାଳ ପଣ୍ଡା ସମ୍ବଳ ବ୍ୟକ୍ତି ଭାବେ ତାଲିମ ପ୍ରଦାନ କରିଥିଲେ ଓ ଶିକ୍ଷକ ନିଳାଞ୍ଚଳ ମିଶ୍ର ସହଯୋଗ କରିଥିଲେ । ଭିଡିଓ ମାଧ୍ୟମରେ ସର୍ଭେ ଫର୍ମ ପୂରଣ କୌଶଳ ଶିକ୍ଷା ଦେବା ସହ ସାମ୍ପୁଲ ସର୍ଭେ ଫର୍ମ ପୂରଣ ଅଭ୍ୟାସ କରାଯାଇଥିଲା । ତାଲିମକୁ ଅଧିକ ଫଳପ୍ରଦ କରିବା ନିମନ୍ତେ ଏନୁମରେଟର ଓ ସୁପରଭାଇଜରଙ୍କୁ ୧୧ ଓ ୧୨ ତାରିଖ ଦୁଇଦିନ ଦୁଇଟି ଦଳରେ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ଲକର ୩୫ଟି ସର୍ଭେ ସେଣ୍ଟରରେ ୫୬ ଜଣ ଏନୁମରେଟର ସର୍ଭେ କାର୍ଯ୍ୟ କରିବେ। ୬ଜଣ ସୁପରଭାଇଜର ଏହାର ତଦାରଖ କରିବେ ବୋଲି ବିଡିଓ ଲକ୍ଷ୍ମୀ ନାରାୟଣ ସାବତ କହିଛନ୍ତି । ଆସନ୍ତା ମେ ୧ ତାରିଖରୁ ଜିଲାରେ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । ଆସନ୍ତା ୨୧ ଓ ୨୪ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ପ୍ରକାଶ କରିଛନ୍ତି ସମସ୍ତ ପଛୁଆ ବର୍ଗର ବ୍ୟକ୍ତିଙ୍କ ପଞ୍ଜିକରଣ ନିମନ୍ତେ ଜନ ସଚେତନତା ସୃଷ୍ଟି ପାଇଁ ସମସ୍ତ ଗଣମାଧ୍ୟମକୁ ବେହେରା ଅନୁରୋଧ କରିଛନ୍ତି ।

# ପରିବାର ନିୟୋଜନ ସଚେତନତା ରଥ ଗଡ଼ିଲା

ରାୟଗଡ଼ା ଅଫିସ,୧୨।୪

ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମହିଳା ଓ ପୁରୁଷମାନଙ୍କୁ ପରିବାର ନିୟୋଜନ ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟ ନେଇ ଏକ ସଚେତନତା ରଥ ଗଡ଼ିବା ଆରମ୍ଭ କରିଛି। ବୁଧବାର ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ରଥ ଏପ୍ରିଲ ୧୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳ ପରିକ୍ରମା କରି ଲୋକଙ୍କୁ ପରିବାର ନିୟୋଜନ ପଦ୍ଧତି ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ବିଭିନ୍ନ ସେବା ସଂପର୍କରେ ଏଲଇଡି ଟିଭିରେ ସଚେତନ କରିବ। ଏହି ସଚେତନତା ରଥ ପ୍ରତି ୩ମାସ ବ୍ୟବଧାନରେ ୧୫ ଦିନ ଧରି ଜିଲା ପରିକ୍ରମା କରିବ । ସଚେତନତା ରଥ ଉଦଘାଟନ ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ରଏ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ଏଲ ଏନ ରାଜୁ, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା ବି. ଏଲ ଏନ ପୃଷ୍ଟି, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ମମତା ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ରାଜେଶ୍ୱର ରାଓ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆଶା, ମହିଳା ଆରୋଗ୍ୟ ସମିତି ସଦସ୍ୟାଙ୍କୁ ନେଇ ଏକ ସଚେତନତା ସଭା କରାଯାଇଥିଲା। ପରେ ଏହି ପରିପ୍ରେକ୍ଷୀରେ ଏକ ଦସ୍ତଖତ ଅଭିଯାନ ହେଇଥିଲା ।


ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

# ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ରାୟଗଡା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୧୨।୪

ରାୟଗଡ଼ା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରତିଭା-୨୦୨୩' ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଗୁରୁ-ଶିଷ୍ୟର ଉତ୍ତମ ସମ୍ପର୍କ ବିଷୟରେ କହିଥିଲେ। ଗୁରୁଙ୍କୁ ସମ୍ମାନ ପ୍ରଦର୍ଶନ ଜୀବନର ବ୍ରତ ଭାବେ ନେଇ ଶିକ୍ଷା ଲାଭ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଏବଂ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଯୋଗଦେଇ ଛାତ୍ରୀମାନେ ଜୀବନରେ ଲକ୍ଷ୍ୟ ସ୍ଥିର କରି କଠିନ ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ। ମହିଳା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼.ଦୁଷ୍ମନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ ଅର୍ଚ୍ଚନା ପଟ୍ଟନାୟକ, ଅଧ୍ୟାପିକା ନିହାରବାଳା ପଣ୍ଡା ମଞ୍ଚାସୀନ ଥିଲେ । ସଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ କଥକ, ଓଡିଶୀ, ଆଧୁନିକ ଗୀତରେ ନୃତ୍ୟ ପରିବେଷଣ କରିଥିଲେ । ଅତିଥିମାନେ ବିଗତ ବର୍ଷ ଯୁକ୍ତ ୨ ଏବଂ ୩ରେ ଅଧିକ ନମ୍ବର ରଖି ମହାବିଦ୍ୟାଳୟର ନାମ ରଖିଥିବା ଛାତ୍ରୀମାନଙ୍କୁ ପୁରସ୍କାର ସହ ମାନପତ୍ର ଦେଇଥିଲେ । ଏହି କଲେଜର ଛାତ୍ରୀମାନେ ଜାତୀୟ ସ୍ତରରେ ଯାଇ ସୁନାମ ଅର୍ଜନ କରିଛନ୍ତି । ୫୨ ଜଣ ପିଲାଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କଲେଜରେ ଏବେ ୧୮୦୦ ପିଲା ପଢୁଛନ୍ତି। କଲେଜ ଆହୁରି କିପରି ବିକାଶ ହେବ ସେଥିପ୍ରତି ଜିଲା ପ୍ରଶାସନ ଧ୍ୟାନ ଦେବେ କହିଛନ୍ତି ସଭାପତି ଦୁଷ୍ମନ୍ତ କୁମାର ମହାନ୍ତି। କ୍ୟାପଟେନ ରିତାରାଣୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ଉଦଯାପିତ


ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ଗୁଣପୁର,୧୨।୪(ଡି.ଏନ୍.ଏ)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ଗୁଣପୁର ପୌର ପରିଷଦ ପୌରାଧ୍ୟକ୍ଷା ମମତା ଗୌଡ ସମ୍ମାନିତ ଅତିଥି, ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ବି. ଗଜପତି ରାଓ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ସଂପାଦକ ସୋମନାଥ ଗୌଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। । ଶିକ୍ଷା ବିକାଶ ସମିତି ଓଡିଶା ର ସଭାପତି ଡକ୍ଟର କିଶୋର ଚନ୍ଦ୍ର ମହାନ୍ତୀ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଶିଶୁ ବିଦ୍ୟା ମନ୍ଦିରରେ ପାଠ୍ୟକ୍ରମ ଶିକ୍ଷା ସହିତ ଆଧ୍ୟାତ୍ମିକ ଶିକ୍ଷାର ପ୍ରଚଳନ ଯାହାକି ବିଶ୍ୱରେ ଅଦ୍ୱିତୀୟ ତଥା ଏହାର ପ୍ରାମାଣିକତା ବିଷୟରେ ମାର୍ଗ ଦର୍ଶନ କରିଥିଲେ। ଅନୁଷ୍ଠାନ ର ଆରମ୍ଭ ରୁ ଅଦ୍ୟାବଧି ରହିଥିବା ପରିଚାଳନା ସମିତି ର ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରିବେଷଣ କରାଯାଇଥିଲା । ସମସ୍ତ ଗୁରୁମା ଗୁରୁଜୀ, ଅଭିଭାବକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

### ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ଏମ୍‌ପି

ଚିତ୍ରକୋଣ୍ଡା,୧୨।୪(ଡି.ଏନ.ଏ.)

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗଡା ପଞ୍ଚାୟତ ଟେକପଦର ଗ୍ରାମରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଏକ ଉତ୍ସବରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ତାଙ୍କସହ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଲକ୍ଷ୍ମୀପ୍ରିୟା ନାୟକ, ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝୀ, ମଦନ ଖସଲା, ଚିତ୍ରକୋଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି କମଲୁ ହନ୍ତାଳ, ଚିତ୍ରକୋଣ୍ଡା ଯୁବ ସଭାପତି ରାଜକମଲ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। । ଉତ୍ସବ ପରେ ରାଲେଗଡା ପଞ୍ଚାୟତ ସାକୁବନ୍ଧା ଝୁଲା ବ୍ରିଜ ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରି ଏମ୍‌ପି ଫେରିଥିଲେ। ପରେ ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି. ପଦ୍ମନାଭ ଦୋରା, ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ସହ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ମୁଖ୍ୟତଃ ଚିତ୍ରକୋଣ୍ଡା ପାନୀୟ ଜଳପ୍ରକଳ୍ପ, ବିଇଓ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ, ଲ୍ୟାମ୍ପ କାର୍ଯ୍ୟାଳୟ ଓ ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ଚିତ୍ରକୋଣ୍ଡାକୁ ଆସିବା ନେଇ ଆଲୋଚନା ହୋଇଥିଲା।

### ବାଇକ ଦୁର୍ଘଟଣାରେ ୨ ଗୁରୁତର

ନନ୍ଦପୁର, ୧୨।୪ (ଡି.ଏନ.ଏ.)

ନନ୍ଦପୁର ଥାନା ଅନ୍ତର୍ଗତ ପାଲିବା ଛକରେ ଏକ ବାଇକ୍ ବୁଧବାର ସକାଳେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ୨ ଜଣ ଯୁବକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଆହତ ଦୁଇ ଯୁକ ଜୟପୁର ନିକଟସ୍ଥ ଡ଼ଙ୍ଗାଗୁଡା ଗ୍ରାମର ବଲୁ ଜାନି ଓ ରାଜେଶ ବୋଲି ଜଣାପଡଛି। ଉଭୟେ ପରଜାଖୁଡୁବି ଗ୍ରାମକୁ ଚଇତି ପରବର ବଡ଼ବେଣ୍ଟ ପାଳନ କରିବାକୁ ଆସିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

# ପଛୁଆ ବର୍ଗଙ୍କ ସର୍ଭେ ନେଇ ପ୍ରଶିକ୍ଷଣ

ପଦ୍ମପୁର,୧୨।୪(ଡି.ଏନ୍.ଏ.)

ପଦ୍ମପୁର ବ୍ଲକ ସଦ୍‌ଭାବନା ଗୃହରେ ପଛୁଆ ବର୍ଗର ଲୋକଙ୍କ ସର୍ଭେ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପଛୁଆ ବର୍ଗ ଆୟୁକ୍ତଙ୍କ ନିର୍ଦ୍ଦେଶରେ ଓଡ଼ିଶାର ଏହି ବର୍ଗର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରାଯିବ। ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ୩୫ଟି ସର୍ଭେ ସେଣ୍ଟର୍‌ରେ ୩୫ଜଣ ଏନୁମେରେଟର, ୬ଜଣ ରିଜର୍ଭ ଏନୁମେରେଟର୍, ୪ ଜଣ ସୁପରଭାଇଜର,୪ ଜଣ ମାଷ୍ଟର ଟ୍ରେନର ଉପସ୍ଥିତ ରହିଥିଲେ। ପ୍ରଶିକ୍ଷଣ ପରେ ମେ ୧ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ସାମାଜିକ ପଛୁଆ ବର୍ଗ ଲୋକଙ୍କ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ। ପଛୁଆ ବର୍ଗର ସମସ୍ତ ଜନସାଧାରଣ ନିଜେ ଯାଇ ସର୍ଭେ କେନ୍ଦ୍ରରେ ତଥ୍ୟ ପ୍ରଦାନ କରି ପଞ୍ଜୀକରଣ କରିପାରିବେ। ସଚେତନ ନିମନ୍ତେ ବ୍ଲକରେ ପ୍ରଚାର ପ୍ରସାର ବ୍ୟବସ୍ଥା କରାଯାଇଛି। ଶିବିରରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ଆଡିଶନାଲ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ମାଷ୍ଟର ଟ୍ରେନର ଭାବେ ଯୋଗାଣ ବିଭାଗ ଅଧିକାରୀ ପ୍ରଭାକର ମଲ୍ଲିକ, କମ୍ପ୍ୟୁଟର ପ୍ରୋଗାମ ଅଫିସର ଶଙ୍କର ପ୍ରସାଦ ସାହୁ, ଗ୍ରାମ ପଞ୍ଚାୟତ ଅଧିକାରୀ ଅଜୟ କୁମାର ଦାସ, ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ରଥ,ତେମ୍ବାଗୁଡା ସୁପରଭାଇଜର୍ ସନ୍ଧ୍ୟା ରାଣୀ ଦାସ, ଆଖୁ ସିଂ ପଞ୍ଚାୟତର ଉର୍ମ୍ମିଳା ରନ୍ନାଲୁ , ଡେରିଗାର ଗୌରବାଳା କାଡ଼ରାକା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

# କେଜିବିଭି ଛାତ୍ରୀନିବାସ ଉଦ୍‌ଘାଟିତ

ଟିକିରି,୧୨।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଲାକ୍ରିସ ସରକାରୀ ଉଚ୍ଚ ବିଦ୍ୟାଳୟ (କେଜିବିଭି) ନବମ ଓ ଦଶମ ଶ୍ରେଣୀ ଛାତ୍ରୀନିବାସ ଉଦ୍‌ଘାଟିତ ହୋଇଯାଇଛି। ୮୭ ଲକ୍ଷ ୬୭ ହଜାର ଟଙ୍କା ବ୍ୟୟରେ ଏହି ଛାତ୍ରୀନିବାସ ନିର୍ମାଣ କରାଯାଇଛି। ସମଗ୍ର ଶିକ୍ଷା ପାଣ୍ଠି ଦ୍ୱାରା ନିର୍ମିତ ଉକ୍ତ ଛାତ୍ରୀନିବାସକୁ ଅନୁସୂଚିତ ଜାତି ଜନଜାତି ଓ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଏସ୍‌ଡିସି ଚେୟାରମ୍ୟାନ ଅନସୂୟା ମାଝି, ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝି, କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନିଶା ଦାସ, ରେଙ୍ଗୁ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ନବ କୁମାରୀ ନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ ।


ଛାତ୍ରୀନିବାସ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ ଜଗନ୍ନାଥ ସାରକା।

# ବାପାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ପୁଅ

ମାଲକାନଗିରି,୧୨।୪(ଡି.ଏନ.ଏ.)

ମକାଚାଷ କରିବାକୁ ଯାଇ ଛତିଶଗଡ଼ରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ତେବେ ଏହାକୁ ନେଇ ତାଙ୍କ ପୁଅ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ସେ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

ଖବରରୁ ଜଣାପଡିଛି, ମାଲକାନଗିରି ଜିଲା ଏମ୍‌ଭି-୨୬ ଗ୍ରାମର ଲକ୍ଷ୍ମୀକାନ୍ତ ମଣ୍ଡଳ ଛତିଶଗଡ଼ର ସୁକ୍‌ମା ଜିଲା ଅନ୍ତର୍ଗତ କୁକୁରରାଜ୍ ନାମକ ସ୍ଥାନରେ ଜମି ଲିଜ୍ ନେଇ ସେଠାକାର ୨ଜଣ ସ୍ଥାନୀୟ ବ୍ୟକ୍ତିଙ୍କ ସହ ମିଶି ମକାଚାଷ କରୁଥିଲେ। ଚଳିତବର୍ଷ ମକା ଫସଲ ମଧ୍ୟ ଭଲ ହୋଇଥିଲା। ମଙ୍ଗଳବାର ରାତିରେ ମକାଚାଷ ହୋଇଥିବା ଜମିରେ ଲକ୍ଷ୍ମୀକାନ୍ତଙ୍କ ମୃତଦେହ ପଡିଥିବା ପରିବାର ଲୋକେ ଖବର ପାଇଥିଲେ। ପରେ ଲକ୍ଷ୍ମୀକାନ୍ତଙ୍କ ପୁଅ ମିଣ୍ଟୁ ଓ କେତେଜଣ ଗ୍ରାମବାସୀ ସେଠାରେ ପହଞ୍ଚି ଲକ୍ଷ୍ମୀକାନ୍ତଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ତାଙ୍କ ଦୁଇ ଗୋଡ଼ରେ ବିଦ୍ୟୁତ୍ ଆଘାତ ଲାଗି ପୋଡି ଯାଇଥିବା ଚିହ୍ନ ଦେଖି ମୃତଦେହ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ବ୍ୟବଚ୍ଛେଦ ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ତେବେ ଲକ୍ଷ୍ମୀକାନ୍ତଙ୍କ ଗୋଡ଼ରେ ହୋଇଥିବା ବିଦ୍ୟୁତ୍ ଆଘାତଜନିତ ଚିହ୍ନକୁ ଦେଖି ମିଣ୍ଟୁ ତାଙ୍କ ବାପାଙ୍କ ଏହା ସାଧାରଣ ମୃତ୍ୟୁ ନୁହେଁ ବରଂ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଛନ୍ତି। ବାପାଙ୍କ ସହ ମିଶି କାମ କରୁଥିବା ସାଥୀ, ଜମି ମାଲିକ ଓ ସେଠାରେ କାମ କରୁଥିବା ଶ୍ରମିକମାନଙ୍କ ଉପରେ ସେ ସନ୍ଦେହ କରୁଥିବା ପ୍ରକାଶ କରିଛନ୍ତି। ଏନେଇ ମିଣ୍ଟୁ ଘଟଣାର ତଦନ୍ତ ପାଇଁ ମାଲକାନଗିରି ଥାନାକୁ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ତେବେ ଘଟଣା ଛତିଶଗଡ଼ର ସୁକ୍‌ମା ଜିଲାରେ ହୋଇଥିବାରୁ ସେଠାକାର ଥାନାରେ ଲିଖିତ ଅଭିଯୋଗ କରିବାକୁ ପୋଲିସ ତାଙ୍କୁ ପରାମର୍ଶ ଦେଇଛି। ସେଠାକାର ପୋଲିସ ଯଦି ଅଭିଯୋଗ ଗ୍ରହଣ ନ କରେ ତେବେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ମାଲକାନଗିରି ପୋଲିସ ତାଙ୍କୁ ଆଶ୍ୱାସନା ଦେଇଛି।


ଶୋକାକୁଳ ପରିବାରବର୍ଗ।

### ବ୍ୟବସାୟୀଙ୍କ ଘରୁ ଗଞ୍ଜେଇ ସହ ୨ ବନ୍ଧୁକ ଜବତ



ବୈପାରିଗୁଡା,୧୨।୪ (ଡି.ଏନ୍.ଏ.)

ବୈପାରିଗୁଡା ପୋଲିସ ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ଚିପାକୁର ପଞ୍ଚାୟତ ପଡେଇଖଦ୍ରା ଗ୍ରାମର ଦାସ ଖରା । ସଦା ଘରେ ଗଞ୍ଜେଇ ରଖି କାରବାର କରୁଥିବା ସୂଚନା ପାଇ ମଙ୍ଗଳବାର ରାତିରେ ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକଙ୍କ ନେତୃତ୍ୱରେ ତାଙ୍କ ଘର ଉପରେ ଚଢାଉ କରାଯାଇଥିଲା। ତାଙ୍କ ଘରୁ ୧ କୁଇଣ୍ଟାଲ ୩୨ କିଲୋ ଗଞ୍ଜେଇ ଜବତ ହୋଇଥିଲା। ତେବେ ଏହି ସମୟରେ ସଦାଙ୍କ ଘରୁ ୨ଟିଦେଶୀ ବନ୍ଧୁକ ପାଇ ଏହାକୁ ମଧ୍ୟ ପୋଲିସ ଜବତ କରିଥିଲା। ଏବେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ୫-ଟି କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଜୟପୁର,୧୨।୪(ନି.ପ୍ର.)

କୋରାପୁଟ ଜିଲାରେ ୫-ଟି ଯୋଜନାରେ ହେଉଥିବା ସ୍କୁଲର ସୌନ୍ଦର୍ଯ୍ୟକରଣ ଏବଂ ମରାମତି କାମରେ ବିନିଯୋଗ ହେଉଥିବା ସରକାରୀ ଅର୍ଥରେ ଅନିୟମିତତା ହୋଇଥିବା ନେଇ ବିଆର୍‌ଏସ୍‌ର ଜୟପୁର ନେତା ରବୀନ୍ଦ୍ର ମହାପାତ୍ର ଅଭିଯୋଗ କରିଛନ୍ତି । ଏନେଇ ସେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଖବରଦାତା ସମ୍ମିଳନୀରେ ରବୀନ୍ଦ୍ର କହିଛନ୍ତି, ୫-ଟି ନାମରେ ଅର୍ଥ ଲୁଟ୍ ହେଉଛି । ସ୍କୁଲ ସୌନ୍ଦର୍ଯ୍ୟକରଣ ଏବଂ ମରାମତିରେ ବ୍ୟୟଅର୍ଥରୁ ଶିକ୍ଷା ବ୍ୟବସ୍ଥାରେ କିଛି ଉନ୍ନତି ହେଉନାହିଁ। କାର୍ଯ୍ୟ ସରିବାର ୨/୩ ମାସ ମଧ୍ୟରେ କେଉଁ ସ୍କୁଲ ଛାତରୁ ପାଣି ଗଳୁଛି, ତ କେଉଁଠି କାନ୍ଥରୁ ପ୍ଲାଷ୍ଟର ଛାଡ଼ିଯାଉଛି। ଚଟାଣ ଟାଇଲ ଉଠିଯାଉଛି। କମ୍ପ୍ୟୁଟର କାମ କରନ ଥିବା ବେଳେ ଟେବୁଲ ଚେୟାର, କବାଟ ଝରକା ଭାଙ୍ଗି ଯାଉଥିବା ଦେଖିବାକୁ ମିଳୁଛି ବୋଲି ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ଏଭଳି ନିମ୍ନମାନର କାମ ଜିଲାର ଜୟପୁର, ଲମତାପୁଟ, ନନ୍ଦପୁର ବ୍ଲକର କେତେକ ସ୍କୁଲରେ ହୋଇଛି। ବ୍ଲକର ୧୦ ଲକ୍ଷ ଓ ସହରରେ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେଲେ ଟେଣ୍ଡର କରିବାର ନିୟମ ଥିବାବେଳେ ଏହାକୁ ଭାଗ ଭାଗ କରି ବିନା ଟେଣ୍ଡରରେ କାମ କରାଯାଇଛି । ୫-ଟି ଯୋଜନାରେ କ୍ରୟ କରାଯାଉଥିବା ମ୍ୟାଟେରିଆଲର ବିଲ୍ ଏବଂ ପ୍ରକୃତ ଜିନିଷ ମୂଲ୍ୟର ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ଯେଉଁ ଜେଇମାନେ କାର୍ଯ୍ୟ କରାଉଛନ୍ତି ସେମାନଙ୍କ ବିରୋଧରେ ତଦନ୍ତ ହେଲେ ସବୁ ରହସ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ଏ ଦିଗରେ ଯଦି ସରକାର କିଛି ପଦକ୍ଷେପ ନେବେ ନାହିଁ ତେବେ ଆଗାମୀ ଦିନରେ ଆଇନର ଆଶ୍ରୟ ନେବାକୁ ବାଧ୍ୟ ହେବୁ ବୋଲି ରବୀନ୍ଦ୍ର ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପି. ଗୋପାଳ ରାଓ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦେଶୀମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର,୧୨।୪(ନି.ପ୍ର.)- ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁନ୍ଦୁରା ଥାନା ଅନ୍ତର୍ଗତ ଘିଉରିଆଗୁଡ଼ା ଗ୍ରାମର ହରିହର ବିଷୋୟୀ(୨୨) । ସେ ବାଇକ୍ ଯୋଗେ ଦେଶୀମଦ ଚାଲାଣ କରୁଥିବା ବେଳେ ବାର୍ଲାହାଣ୍ଡିଠାରେ ଅବକାରୀ ବିଭାଗ ଚଢ଼ାଉ କରି ୩୦ ଲିଟର ଦେଶୀମଦ ଜବତ କରିଥିଲା।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ, ୨ ଆହତ

ଜୟପୁର,୧୨।୪(ନି.ପ୍ର)- ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗ୍ରାମର ଶୀତଳା ମନ୍ଦିର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଛି। ଏଥିରେ ୨ ଆହତ ହୋଇଛନ୍ତି। ସେମାନେ ହେଲେ କୁସୁମପୁଟର ଅଶୋକ ବାହାଦୁର ଓ ରାଜା ବିଷୋୟୀ। ପୋଲିସ ସୂଚନା ଅନୁଯାୟୀ, ଗୋବିନ୍ଦ ପଟ୍ଟନାୟକ, ଅଶୋକ ଓ ରାଜା ବିଷୋୟୀ ଗୋଟିଏ ବାଇକ୍‌ରେ ଗ୍ରାମକୁ ଯାଉଥିବା ବେଳେ ମନ୍ଦିର ନିକଟରେ ୨ ବ୍ୟକ୍ତି ରାସ୍ତା ଅବରୋଧ କରି ଆକ୍ରମଣ କରିଥିଲେ। ଏଥିରେ ଅଶୋକ ଓ ରାଜାଙ୍କ ମୁଣ୍ଡ ଫାଟିଛି। ହେଲେ ଅଳ୍ପକେ ବର୍ତ୍ତି ଯାଇଥିଲେ ଗୋବିନ୍ଦ। ଏନେଇ ଗୋବିନ୍ଦ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କୁ କୁକୁଡ଼ା ଛିଆଁ ପ୍ରଦାନ

ପଡ଼ିଆ,୧୨।୪(ଡି.ଏନ୍.ଏ.)- ମାଲକାନଗିରି ଜିଲା ପଡ଼ିଆ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ର ପକ୍ଷରୁ ବୁଧବାର ୧୦୦ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କୁ ବିନା ମୂଲ୍ୟରେ ଘର ଅଗଣାରେ କୁକୁଡ଼ା ପାଳନ ସ୍କିମ୍‌ରେ ୫୦ଟି କୁକୁଡ଼ା ଛିଆଁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧିକାରୀ ଡ. ଚିନ୍ମୟ ଦାସ, ବିଡିଓ ରାମ କୃଷ୍ଣ ନାୟକ, ଏଲ୍‌ଆଇ ସୁରେନ୍ଦ୍ର ମୁଦୁଲି, ବିପିସି ରାଜେଶ ସର୍ଦ୍ଦାର ଉପସ୍ଥିତ ଥିଲେ।

### ପଛୁଆବର୍ଗ ଗଣନା ନେଇ ପ୍ରଶିକ୍ଷଣ ଶିବିର



ସୁନାବେଡ଼ା,୧୨।୪(ସ୍ୱ.ପ୍ର.)-ଓଡ଼ିଶାରେ ପଛୁଆବର୍ଗ ଗଣନା କାର୍ଯ୍ୟକ୍ରମ ପାଇଁ ଏକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ସୁନାବେଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିୟୋଜିତ ହେବାକୁ ଥିବା ଗଣନାକାରୀ ଏବଂ ସୁପରଭାଇଜରମାନଙ୍କୁ ପୌର ପରିଷଦ ସଭାଗୃହରେ ତାଲିମ ପ୍ରଦାନ କରାଯାଇଥିଲା। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମ କିପରି ଠିକ୍ ଭାବରେ ସମ୍ପାଦନ କରାଯିବ ସେ ନେଇ ବୁଝାଇଥିଲେ। ପ୍ରଶିକ୍ଷକ ଅରୁଣ ନାୟକ ଏବଂ ସଞ୍ଜିତ ଟାକିରି ପ୍ରୋଜେକ୍ଟର ମାଧ୍ୟମରେ ଏ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ତଦାରଖ କରିବାକୁ ଜିଲା ସ୍ତରରୁ ଅବଜରଭର ଶିବିରରେ ଉପସ୍ଥିତ ଥିଲେ। ହାଡ଼ିବନ୍ଧୁ ରାହୁଲ ସହଯୋଗ କରିଥିଲେ। ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ଗଛରେ ପିଟିହେଲା କାର, ୫ ଆହତ

୨ ଗୁରୁତର ବିଶାଖାପାଟଣା ସ୍ଥାନାନ୍ତର



ମାଲକାନଗିରି, ୧୨।୪(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ପାଣ୍ଡରିପାଣି ଗ୍ରାମ ନିକଟସ୍ଥ ପୂଜାରୀମୁଣ୍ଡାରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ମାଲକାନଗିରିରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ମାଲକାନଗିରି ଅଭିମୁଖେ ଏକ ମାରୁତି ସ୍ୱିଫ୍ଟ କାର (ଓଡି ୧୦ପି-୦୭୩୦) ଦ୍ରୁତ ଗତିରେ ଆସୁଥିବା ବେଳ ପୂଜାରୀମୁଣ୍ଡାଠାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା । ଫଳରେ ଗାଡିରେ ଥିବା ୫ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବିଶାଖାପାଟଣା ପଠାଯାଇଛି।

# ସମସ୍ୟା ସମାଧାନ ନେଇ ଗୁରୁତ୍ୱ

## କୋରାପୁଟ, ଲକ୍ଷ୍ମୀପୁରରେ ପଞ୍ଚାୟତ ସମିତି ବୈଠକ






କୋରାପୁଟ ଓ ଲକ୍ଷ୍ମୀପୁରରେ ବସିଥିବା ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

କୋରାପୁଟ/ଲକ୍ଷ୍ମୀପୁର,୧୨।୪(ସ୍ୱ.ପ୍ର.)

କୋରାପୁଟ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ସଭାଗୃହରେରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନମିତା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ବିଧାୟକ ରଘୁରାମ ପଡ଼ାଲ, ବିଡିଓ ଦେବାଶିଷ ଗୌଡ଼, ଜିଲା ପରିଷଦ ସଭ୍ୟ ରଘୁ ଜାନି ଓ କେ. ମିହିର କୁମାର, ସହକାରୀ ଯନ୍ତ୍ରୀ ରମାକାନ୍ତ ନାୟକ, ପଟ୍ଟାଙ୍ଗି ବିଧାୟକଙ୍କ ପ୍ରତିନିଧି ଉତ୍କଳ ରଞ୍ଜନ ନାୟକ, ପ୍ରତିନିଧି ବାବୁଲା ବେନିଆ, ମଣ୍ଟୁ ବେନିଆ ପ୍ରମୁଖ ଉପସ୍ଥିତ ରହି ବ୍ଲକ ଅଞ୍ଚଳରେ ଥିବା ୧୪ଟି ପଞ୍ଚାୟତର ପାନୀୟ ଜଳ ସମସ୍ୟା, ବିଦ୍ୟୁତ୍, ରାସ୍ତାଘାଟ ଆଦି ସମସ୍ୟା ଉପରେ ଆଲୋଚନା କରିଥିଲେ। ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା । ପାନୀୟ ଜଳ ସମସ୍ୟା ଦୂର ଲାଗି ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ବୈଠକ କରାଯିବ ବୋଲି ଏମ୍‌ପି ଉଲାକା କହିଥିଲେ । କୋରାପୁଟ ବ୍ଲକ ଅଧୀନରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ୧୫ଟି ଡାକ୍ତର ପଦବୀ ଖାଲିଥିବାରୁ ସେ ଉଦ୍‌ବେଗ ପ୍ରକାଶ କରି ଏନେଇ ଆଗାମୀ ରୋଗୀ କଲ୍ୟାଣ ବୈଠକରେ ସେ ଏହା ଉଠାଇବେ ବୋଲି କହିଥିଲେ। ବୈଠକକୁ ଜଣେ କ୍ଷେତ୍ର ଅଧିକାରୀ ବିନା ନଥିପତ୍ରରେ ଆସିଥିବାରୁ ଏମ୍‌ପି ଅସନ୍ତୋଷ ପ୍ରକାଶ କରି ତୁରନ୍ତ ତାଙ୍କୁ ନିଲମ୍ବନ କରିବାକୁ ବିଡିଓଙ୍କୁ କହିଥିଲେ। ବୈଠକରେ କୋରାପୁଟ ଶିଶୁ ବିକାଶ ଅଧିକାରୀ ପ୍ରଭାତୀ ତ୍ରିପାଠୀ, ଡାକ୍ତର ଶାଶ୍ୱତୀ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶିବପ୍ରସାଦ ରଥଙ୍କ ସହ କ୍ଷେତ୍ର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନନ୍ଦକିଶୋର ଗମାଙ୍ଗ ପରିଚାଳନାରେ ସହାୟତା କରିଥିଲେ ।

ସେହିପରି ଲକ୍ଷ୍ମୀପୁର ପଞ୍ଚାୟତ ସମିତିର ଏକ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଆଇ କୁଲେସିକା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଭୁ ଜାନି, ସମ୍ମାନିତ ଅତିଥି ରୂପେ ଏମ୍‌ପି ପ୍ରତିନିଧି ପବିତ୍ର ସାଉନ୍ତା,ଉପାଧ୍ୟକ୍ଷ ଆରତୀ କୁଲଦୀପ ଉପସ୍ଥିତ ଥିଲେ। ବିଡିଓ ପ୍ରୀତିରଞ୍ଜନ ରଥ ବୈଠକ ପରିଚାଳନା କରିଥିଲେ। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ୧୩ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବୈଠକରେ ଆଗାମୀ ଦିନର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନକୃଷି, ଶିଶୁବିକାଶ ଯୋଜନା, ପାନୀୟ ଜଳ, ରାସ୍ତାଘାଟ, ଗ୍ରାମ୍ୟ ଉନ୍ନୟନ, ସାମାଜିକ ସୁରକ୍ଷା, କ୍ଷୁଦ୍ର ଜଳସେଚନ, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ, ବିଦ୍ୟୁତ୍ ବିଭାଗ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଅଞ୍ଚଳରେ ରହିଥିବା ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଜିପିଓ ସୁଧୀର ବେହେରା ଓ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହୁରିଆ ସହଯୋଗ କରିଥିଲେ।

## ବଡ଼ଭାଇଙ୍କୁ ହତ୍ୟା ଘଟଣା ସାନଭାଇ କୋର୍ଟ ଚାଲାଣ

ଦଶମନ୍ତପୁର,୧୨।୪(ଡି.ଏନ୍.ଏ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତ ବଡବାଗ୍ରୀ ଗ୍ରାମରେ ମାଛବଣ୍ଟାକୁ ନେଇ ବଡ଼ଭାଇଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ସମ୍ପର୍କୀୟ ସାନଭାଇ ଧନେଶ୍ୱର ମୁଦୁଲିଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ବଟକରା ଜବତ କରାଯାଇଛି।

ଗତ ୧୦ ତାରିଖରେ ବଡ଼ଭାଇ ବିରିଙ୍ଗା ଓ ଧନେଶ୍ୱରଙ୍କ ମଧ୍ୟରେ ମାଛ ଭାଗବଣ୍ଟାକୁ କେନ୍ଦ୍ର କରି ବଚସା ହୋଇଥିଲା। ପରେ ତାହା ଉଗ୍ରରୂପ ନେଇଥିଲା। ଦାଦା ପୁଅ ଭାଇ ଧନେଶ୍ୱର ବଡ଼ଭାଇ ବିରିଙ୍ଗାଙ୍କୁ ବଟକରାରେ ଛେଚି ହତ୍ୟା କରିଥିଲେ। ଏ ନେଇ ହୋଇଥିବା ଏତଲାକୁ କେନ୍ଦ୍ର କରି ସ୍ଥାନୀୟ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଏବଂ ପୋଲିସ ଟିମ ଅଭିଯୁକ୍ତଙ୍କୁ ମଙ୍ଗଳବାର ମଧ୍ୟ ରାତ୍ରରେ ଗିରଫ କରି ପଚରା ଉଚୁରା କରିବା ପରେ ବୁଧବାର ଗିରଫ କରଇଛି। ଏ ନେଇ ନଂ୪୫/୨୩ରେ ହତ୍ୟା ମାମଲା ରୁଜୁ ହୋଇଛି।

## ବାପାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ପୁଅ

ମାଲକାନଗିରି,୧୨।୪(ଡି.ଏନ.ଏ.)



ଶୋକାକୁଳ ପରିବାରବର୍ଗ।

ମକାଚାଷ କରିବାକୁ ଯାଇ ଛତିଶଗଡ଼ରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ତେବେ ଏହାକୁ ନେଇ ତାଙ୍କ ପୁଅ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ସେ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

ଖବରରୁ ଜଣାପଡିଛି, ମାଲକାନଗିରି ଜିଲା ଏମ୍‌ଭି-୨୬ ଗ୍ରାମର ଲକ୍ଷ୍ମୀକାନ୍ତ ମଣ୍ଡଳ ଛତିଶଗଡ଼ର ସୁକ୍‌ମା ଜିଲା ଅନ୍ତର୍ଗତ କୁକୁରରାଜ୍ ନାମକ ସ୍ଥାନରେ ଜମି ଲିଜ୍ ନେଇ ସେଠାକାର ୨ଜଣ ସ୍ଥାନୀୟ ବ୍ୟକ୍ତିଙ୍କ ସହ ମିଶି ମକାଚାଷ କରୁଥିଲେ। ଚଳିତବର୍ଷ ମକା ଫସଲ ମଧ୍ୟ ଭଲ ହୋଇଥିଲା। ମଙ୍ଗଳବାର ରାତିରେ ମକାଚାଷ ହୋଇଥିବା ଜମିରେ ଲକ୍ଷ୍ମୀକାନ୍ତଙ୍କ ମୃତଦେହ ପଡିଥିବା ପରିବାର ଲୋକେ ଖବର ପାଇଥିଲେ। ପରେ ଲକ୍ଷ୍ମୀକାନ୍ତଙ୍କ ପୁଅ ମିଣ୍ଟୁ ଓ କେତେଜଣ ଗ୍ରାମବାସୀ ସେଠାରେ ପହଞ୍ଚି ଲକ୍ଷ୍ମୀକାନ୍ତଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ତାଙ୍କ ଦୁଇ ଗୋଡ଼ରେ ବିଦ୍ୟୁତ୍ ଆଘାତ ଲାଗି ପୋଡି ଯାଇଥିବା ଚିହ୍ନ ଦେଖି ମୃତଦେହ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ବ୍ୟବଚ୍ଛେଦ ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ତେବେ ଲକ୍ଷ୍ମୀକାନ୍ତଙ୍କ ଗୋଡ଼ରେ ହୋଇଥିବା ବିଦ୍ୟୁତ୍ ଆଘାତଜନିତ ଚିହ୍ନକୁ ଦେଖି ମିଣ୍ଟୁ ତାଙ୍କ ବାପାଙ୍କ ଏହା ସାଧାରଣ ମୃତ୍ୟୁ ନୁହେଁ ବରଂ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଛନ୍ତି। ବାପାଙ୍କ ସହ ମିଶି କାମ କରୁଥିବା ସାଥୀ, ଜମି ମାଲିକ ଓ ସେଠାରେ କାମ କରୁଥିବା ଶ୍ରମିକମାନଙ୍କ ଉପରେ ସେ ସନ୍ଦେହ କରୁଥିବା ପ୍ରକାଶ କରିଛନ୍ତି। ଏନେଇ ମିଣ୍ଟୁ ଘଟଣାର ତଦନ୍ତ ପାଇଁ ମାଲକାନଗିରି ଥାନାକୁ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ତେବେ ଘଟଣା ଛତିଶଗଡ଼ର ସୁକ୍‌ମା ଜିଲାରେ ହୋଇଥିବାରୁ ସେଠାକାର ଥାନାରେ ଲିଖିତ ଅଭିଯୋଗ କରିବାକୁ ପୋଲିସ ତାଙ୍କୁ ପରାମର୍ଶ ଦେଇଛି। ସେଠାକାର ପୋଲିସ ଯଦି ଅଭିଯୋଗ ଗ୍ରହଣ ନ କରେ ତେବେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ମାଲକାନଗିରି ପୋଲିସ ତାଙ୍କୁ ଆଶ୍ୱାସନା ଦେଇଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ଏମ୍‌ପି

ଚିତ୍ରକୋଣ୍ଡା,୧୨।୪(ଡି.ଏନ.ଏ.)

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗଡା ପଞ୍ଚାୟତ ଟେକପଦର ଗ୍ରାମରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଏକ ଉତ୍ସବରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ତାଙ୍କସହ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଲକ୍ଷ୍ମୀପ୍ରିୟା ନାୟକ, ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝୀ, ମଦନ ଖସଲା, ଚିତ୍ରକୋଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି କମଲୁ ହନ୍ତାଳ, ଚିତ୍ରକୋଣ୍ଡା ଯୁବ ସଭାପତି ରାଜକମଲ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। । ଉତ୍ସବ ପରେ ରାଲେଗଡା ପଞ୍ଚାୟତ ସାକୁବନ୍ଧା ଝୁଲା ବ୍ରିଜ ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରି ଏମ୍‌ପି ଫେରିଥିଲେ। ପରେ ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି. ପଦ୍ମନାଭ ଦୋରା, ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ସହ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ମୁଖ୍ୟତଃ ଚିତ୍ରକୋଣ୍ଡା ପାନୀୟ ଜଳପ୍ରକଳ୍ପ, ବିଇଓ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ, ଲ୍ୟାମ୍ପ କାର୍ଯ୍ୟାଳୟ ଓ ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ଚିତ୍ରକୋଣ୍ଡାକୁ ଆସିବା ନେଇ ଆଲୋଚନା ହୋଇଥିଲା।

## ବ୍ୟବସାୟୀଙ୍କ ଘରୁ ଗଞ୍ଜେଇ ସହ ୨ ବନ୍ଧୁକ ଜବତ

ବୈପାରିଗୁଡା,୧୨।୪ (ଡି.ଏନ୍.ଏ.)



ଜବତ ଗଞ୍ଜେଇ ଓ ବନ୍ଧୁକ।

ବୈପାରିଗୁଡା ପୋଲିସ ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ଚିପାକୁର ପଞ୍ଚାୟତ ପଡେଇଖଦ୍ରା ଗ୍ରାମର ଦାସ ଖରା । ସଦା ଘରେ ଗଞ୍ଜେଇ ରଖି କାରବାର କରୁଥିବା ସୂଚନା ପାଇ ମଙ୍ଗଳବାର ରାତିରେ ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକଙ୍କ ନେତୃତ୍ୱରେ ତାଙ୍କ ଘର ଉପରେ ଚଢାଉ କରାଯାଇଥିଲା। ତାଙ୍କ ଘରୁ ୧ କୁଇଣ୍ଟାଲ ୩୨ କିଲୋ ଗଞ୍ଜେଇ ଜବତ ହୋଇଥିଲା। ତେବେ ଏହି ସମୟରେ ସଦାଙ୍କ ଘରୁ ୨ଟି ଦେଶୀ ବନ୍ଧୁକ ପାଇ ଏହାକୁ ମଧ୍ୟ ପୋଲିସ ଜବତ କରିଥିଲା। ଏବେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି। କେସ୍ ନଂ. ୭୬/୨୩।

## କାଲିମେଲା ବ୍ଲକର ୨ ପଞ୍ଚାୟତର ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର

କାଲିମେଲା, ୧୨।୪(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ବ୍ଲକ ଅଧୀନରେ ଥିବା ଗୁମୁକା ଓ ଭୁବନପାଲ୍ଲି ପଞ୍ଚାୟତର ସରପଞ୍ଚ ରୂପେ ବିଜୟୀ ପ୍ରାର୍ଥୀଙ୍କୁ ନିଜ ପଞ୍ଚାୟତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଗୁମୁକା ପଞ୍ଚାୟତର ସରପଞ୍ଚ ଭାବେ ଉଙ୍ଗୀ ମାଡକାମି ଓ ଭୁବନପାଲ୍ଲି ପଞ୍ଚାୟତର ସରପଞ୍ଚ ରୂପେ ପୁଷ୍ପାଞ୍ଜଳି ମାଡକାମି ବିଜୟୀ ହୋଇଛନ୍ତି। ଉଭୟଙ୍କୁ ଭାରପ୍ରାପ୍ତ ବିଡିଓ ବସନ୍ତ ବେହେରା ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଗତ ୧ ବର୍ଷ ତଳେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବ୍ଲକରେ ଥିବା ୨୩ଟି ପଞ୍ଚାୟତରେ ନିର୍ବାଚନ ଶେଷ ହୋଇଥିଲା। ତେବେ ଗୁମୁକା ଓ ଭୁବନପାଲ୍ଲି ପଞ୍ଚାୟତରେ ସରପଞ୍ଚ ପଦବୀ ପୂରଣ ପାଇଁ ଯେତିକି ୱାର୍ଡମେମ୍ବର ଆବଶ୍ୟକ ସେତିକି ୱାର୍ଡମେମ୍ବର ନିର୍ବାଚିତ ହୋଇପାରି ନ ଥିଲେ । ଫଳରେ ଏହି ଦୁଇ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ନିଜ ଦାୟିତ୍ୱରୁ ବଞ୍ଚିତ ହୋଇଥିଲେ । ଦୁଇ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ବିଚାରକୁ ନେଇ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଦୁଇଟି ପଞ୍ଚାୟତର ସରପଞ୍ଚ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉଭୟଙ୍କୁ ଦାୟିତ୍ୱ ହସ୍ତାନ୍ତର ସମୟରେ ବ୍ଲକ ଅଧ୍ୟକ୍ଷା ସୁବାସିନି ସୋଡ଼ି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବିଜେଡି ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବାଇକ ଦୁର୍ଘଟଣାରେ ୨ ଗୁରୁତର

ନନ୍ଦପୁର, ୧୨।୪ (ଡି.ଏନ.ଏ.)

ନନ୍ଦପୁର ଥାନା ଅନ୍ତର୍ଗତ ପାଲିବା ଛକରେ ଏକ ବାଇକ୍ ବୁଧବାର ସକାଳେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ୨ ଜଣ ଯୁବକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଆହତ ଦୁଇ ଯୁକ ଜୟପୁର ନିକଟସ୍ଥ ଡ଼ଙ୍ଗାଗୁଡା ଗ୍ରାମର ବଲୁ ଜାନି ଓ ରାଜେଶ ବୋଲି ଜଣାପଡଛି। ଉଭୟେ ପରଜାଖୁଡୁବି ଗ୍ରାମକୁ ଚଇତି ପରବର ବଡ଼ବେଣ୍ଟ ପାଳନ କରିବାକୁ ଆସିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

## ୫-ଟି କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଜୟପୁର,୧୨।୪(ନି.ପ୍ର.)

କୋରାପୁଟ ଜିଲାରେ ୫-ଟି ଯୋଜନାରେ ହେଉଥିବା ସ୍କୁଲର ସୌନ୍ଦର୍ଯ୍ୟକରଣ ଏବଂ ମରାମତି କାମରେ ବିନିଯୋଗ ହେଉଥିବା ସରକାରୀ ଅର୍ଥରେ ଅନିୟମିତତା ହୋଇଥିବା ନେଇ ବିଆର୍‌ଏସ୍‌ର ଜୟପୁର ନେତା ରବୀନ୍ଦ୍ର ମହାପାତ୍ର ଅଭିଯୋଗ କରିଛନ୍ତି । ଏନେଇ ସେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଖବରଦାତା ସମ୍ମିଳନୀରେ ରବୀନ୍ଦ୍ର କହିଛନ୍ତି, ୫-ଟି ନାମରେ ଅର୍ଥ ଲୁଟ୍ ହେଉଛି । ସ୍କୁଲ ସୌନ୍ଦର୍ଯ୍ୟକରଣ ଏବଂ ମରାମତିରେ ବ୍ୟୟଅର୍ଥରୁ ଶିକ୍ଷା ବ୍ୟବସ୍ଥାରେ କିଛି ଉନ୍ନତି ହେଉନାହିଁ। କାର୍ଯ୍ୟ ସରିବାର ୨/୩ ମାସ ମଧ୍ୟରେ କେଉଁ ସ୍କୁଲ ଛାତରୁ ପାଣି ଗଳୁଛି, ତ କେଉଁଠି କାନ୍ଥରୁ ପ୍ଲାଷ୍ଟର ଛାଡ଼ିଯାଉଛି। ଚଟାଣ ଟାଇଲ ଉଠିଯାଉଛି। କମ୍ପ୍ୟୁଟର କାମ କରନ ଥିବା ବେଳେ ଟେବୁଲ ଚେୟାର, କବାଟ ଝରକା ଭାଙ୍ଗି ଯାଉଥିବା ଦେଖିବାକୁ ମିଳୁଛି ବୋଲି ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ଏଭଳି ନିମ୍ନମାନର କାମ ଜିଲାର ଜୟପୁର, ଲମତାପୁଟ, ନନ୍ଦପୁର ବ୍ଲକର କେତେକ ସ୍କୁଲରେ ହୋଇଛି। ବ୍ଲକର ୧୦ ଲକ୍ଷ ଓ ସହରରେ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେଲେ ଟେଣ୍ଡର କରିବାର ନିୟମ ଥିବାବେଳେ ଏହାକୁ ଭାଗ ଭାଗ କରି ବିନା ଟେଣ୍ଡରରେ କାମ କରାଯାଇଛି । ୫-ଟି ଯୋଜନାରେ କ୍ରୟ କରାଯାଉଥିବା ମ୍ୟାଟେରିଆଲର ବିଲ୍ ଏବଂ ପ୍ରକୃତ ଜିନିଷ ମୂଲ୍ୟର ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ଯେଉଁ ଜେଇମାନେ କାର୍ଯ୍ୟ କରାଉଛନ୍ତି ସେମାନଙ୍କ ବିରୋଧରେ ତଦନ୍ତ ହେଲେ ସବୁ ରହସ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ଏ ଦିଗରେ ଯଦି ସରକାର କିଛି ପଦକ୍ଷେପ ନେବେ ନାହିଁ ତେବେ ଆଗାମୀ ଦିନରେ ଆଇନର ଆଶ୍ରୟ ନେବାକୁ ବାଧ ହେବୁ ବୋଲି ରବୀନ୍ଦ୍ର ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପି. ଗୋପାଳ ରାଓ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ୍ ମେଳା

ମାଲକାନଗିରି, ୧୨।୪(ଡି.ଏନ.ଏ.)

ମାଲକାନଗିରି ଶିଳ୍ପ ତାଲିମ ପ୍ରତିଷ୍ଠାନରେ ବୁଧବାର ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ୍ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ତାଲିମ ଅଧିକାରୀ ସତ୍ୟନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ମେଳାରେ ଜିଲା କର୍ମ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ରାସ୍ତା ଓ ଗୃହ ବିଭାଜନ ବିଭାଗର ସରକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ ମାର୍ଣ୍ଡି ଏବଂ ଓପିଟିସିଏଲ୍‌ର ଯନ୍ତ୍ରୀ ଜଗନ ସାହୁ ପ୍ରମୁଖ ଯୋଗଦେଇ କିଭଳି ଛାତ୍ରୀଛାତ୍ରମାନେ ସରକାରଙ୍କ ଆପ୍ରେଣ୍ଟିଶିପ୍ ପୋର୍ଟାଲରେ ନାମ ପଞ୍ଜୀକରଣ କରିବେ ସେ ସମ୍ପର୍କରେ ବୁଝାଇଥିଲେ। କିଭଳି ଛାତ୍ରୀଛାତ୍ରମାନେ ବିଭିନ୍ନ କମ୍ପାନୀରେ ଆପ୍ରେଣ୍ଟିଶିପ୍ କରିବା ପରେ ନିଯୁକ୍ତି ପାଇବେ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ୬୦ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ।

## ମା' ବୁଢୀମା, ମା' ଚୈତ୍ରାଇଙ୍କ ଘଣ୍ଟଯାତ୍ରା ଉଦ୍‌ଯାପିତ

ନାରାୟଣପାଟଣା,୧୨।୪(ଡି.ଏନ.ଏ.)

ନାରାୟଣପାଟଣାରେ ମା' ବୁଢୀମା ଓ ମା' ଚୈତ୍ରାଇଙ୍କ ଘଣ୍ଟ ଯାତ୍ରା ଉଦଯାପିତ ହୋଇଯାଇଛି । ସକାଳେ ମା'ଙ୍କ ଘଣ୍ଟ ଗ୍ରାମ ପରିକ୍ରମା କରି ପୂଜା ପାଇବା ପରେ ନିଜ ଅସ୍ଥାନକୁ ପେରିଛନ୍ତି । ଏହି ଯାତ୍ରା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ଚଳିତ ମାସରେ ୯ ଦିନ ଧରି ପାରମ୍ପରିକ ରୀତିନୀତି ଅନୁସାରେ ମା'ଙ୍କ ସ୍ଥାୟୀ ମନ୍ଦିରରୁ ଗ୍ରାମର ଅସ୍ଥାୟୀ ମନ୍ଦିରକୁ ଅଣାଯାଇଥିଲା । ୯ ଦିନ ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ପୂଜାପାଇଥିଲେ । ମାନସିକଧାରୀ ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ଛେଳି କୁକୁଡ଼ା ବଳି ଦେବା ସହ ନିଅାଁଗଦା ପ୍ରଦାନ କରିଥିଲେ । ଏହି ଯାତ୍ରାର ପ୍ରସିଦ୍ଧିରହିଥିବା କମିଟିଯାତ୍ରା ଚେୟାରମ୍ୟାନ ଗୋଲାଦି ତ୍ରିନାଥ ଏବଂ ସଭାପତି ଦୟାନିଧି ପ୍ରଦାନୀ କହିଛନ୍ତି । ମ୍ୟାନେଜମେଣ୍ଟ ସଭାପତି ପି. ନବୀନ, ସମ୍ପାଦକ ଏସ ତ୍ରିନାଥ, ଉପସଭାପତି ବିନାୟକ ଶିରିକା, ମ୍ୟାନେଜମେଣ୍ଟ ଉପସଭାପତି ପାଲ୍ଲୁରାମ ତାଣ୍ଡିଙ୍ଗୀ, କୋଷାଧ୍ୟକ୍ଷ ରମେଶ ଦାସ ସମେତ ଯାତ୍ରା ପରିଚାଳନା କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ନାରାୟଣପାଟଣା ଏସଆଇ ଶୁକ୍ରା ମାଡି ନେତୃତ୍ୱରେ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ ।



ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ ।

## ଶ୍ରୀହନୁମାନ ଜୟନ୍ତୀ ଉପଲକ୍ଷେ କଳସ ଯାତ୍ରା, ଯଜ୍ଞାରମ୍ଭ

ଦାମନଯୋଡି,୧୨।୪(ଡି.ଏନ.ଏ.)



ସରଯୁ ପୁଷ୍କରିଣୀରୁ ଜଳକଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରୁଥିବା ମହିଳାମାନେ।

ନାଲ୍‌କୋ ଟାଉନଶିପ ମୁଖ୍ୟ ଫାଟକ ନିକଟରେ ଥିବା ଶ୍ରୀ ଅଭୟ ଆଞ୍ଜେନେୟଙ୍କ ବିଗ୍ରହ ଓ ଅଷ୍ଟଧାତୁ ମୂର୍ତ୍ତିଙ୍କ ୪ଦିନ ବ୍ୟାପୀ ହେଉଥିବା ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଅଙ୍କୁରାରୋପଣ ହୋଇଥିଲା। ବୁଧବାର ପୂର୍ବାହ୍ନରେ କଳସ ଯାତ୍ରା ସମ୍ପନ୍ନ ହୋଇଛି। କର୍ତ୍ତାକର୍ତ୍ତ୍ରୀ ଓ ବହୁ ଶ୍ରଦ୍ଧାଳୁ ମହିଳା ଶ୍ରୀହନୁମାନ ବାଟିକା ଭିତରେ ଥିବା ସରଯୁ ପୁଷ୍କରିଣୀରୁ ପୂଜାର୍ଚ୍ଚନା ପରେ କଳସରେ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଘଟ ସ୍ଥାପନ, ଆଚାର୍ଯ୍ୟ ବରଣ ଆଦି ନୀତି ପରେ ଅଗ୍ନି ସ୍ଥାପନ,ଅଗ୍ନି ସଂସ୍କାର ଓ ଯଜ୍ଞାରମ୍ଭ ହୋଇଥିଲା। ବାଙ୍କୀ ସହ ବିଭିନ୍ନ ସ୍ଥାନରୁ ଆସିଥିବା ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ଯୋଗେଶ ଚନ୍ଦ୍ର ଷଡଙ୍ଗୀ, ନ୍ୟାଶାଚାର୍ଯ୍ୟ ପଣ୍ଡିତ ଦୀନବନ୍ଧୁ ମହାପାତ୍ର, ପ୍ରଚାରକ ପଣ୍ଡିତ ବିନୟ ମିଶ୍ର,ପଣ୍ଡିତ ଅଜୟ ଦାଶ,ପଣ୍ଡିତ ପ୍ରଶାନ୍ତ ବ୍ରହ୍ମା,ସୁଶାନ୍ତ ପଣ୍ଡା, ମହେଶ୍ୱର ପଣ୍ଡା,ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ପଣ୍ଡିତ ଶ୍ରୀଧର ଦାଶ,ପଣ୍ଡିତ ନରେନ୍ଦ୍ର ନାଥ ପତି,ପଣ୍ଡିତ ଦୁର୍ଗାମାଧବ ଆଚାର୍ଯ୍ୟଙ୍କ ସହିତ ଶ୍ରୀଅଭୟ ଆଞ୍ଜେନେୟଙ୍କ ମନ୍ଦିରର ନିୟମିତ ପୂଜକ ବଳରାମ ରଥ ଓ ପ୍ରଭାତ ପଣ୍ଡା ପୂଜାନୀତି ସମ୍ପନ୍ନ କରିଥିଲେ। ଯଜ୍ଞ ବରାହଙ୍କ କର୍ତ୍ତା ଭାବେ ନାଲକୋ ମହାପ୍ରବନ୍ଧକ ପ୍ରଭାସ ଦାଶ ଓ ତାଙ୍କ ପତ୍ନୀ ଅନିତା ଦାଶ ଦାୟିତ୍ୱ ତୁଲାଇଥିଲେ। ସେହିପରି ଆଲୋକ ଚୌଧୁରୀ ଓ ତାଙ୍କ ପତ୍ନୀ ପ୍ରୀତିପଦ୍ମା ଚୌଧୁରୀ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଶ୍ରୀରାମ ଓ ଲକ୍ଷ୍ମଣଙ୍କ କର୍ତ୍ତା ଏବଂ ଦ୍ୱିତୀକୃଷ୍ଣ ମହାପାତ୍ର ଓ ତାଙ୍କ ସ୍ତ୍ରୀ ଅନିତା ଆଚାର୍ଯ୍ୟ ମାତା ସୀତାଙ୍କ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଛନ୍ତି। ନୂତନ ଶ୍ରୀଗଣେଶଙ୍କ ବିଗ୍ରହର କର୍ତ୍ତା ରୂପେ ପ୍ରଫୁଲ୍ଲ ସାହୁ ଓ ତାଙ୍କ ପତ୍ନୀ ରାଜଲକ୍ଷ୍ମୀ ସାହୁ, ଚାରି ଦ୍ୱାରପାଳଙ୍କଠାରେ କର୍ତ୍ତା ରୂପେ ଯୋଗେନ୍ଦ୍ର ଦାସ ଓ ତାଙ୍କ ପତ୍ନୀ ଅନୁରକ୍ତା ଦାସ, ସୁନୀଲ ଚୌଧୁରୀ ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ପଣ୍ଡା, ଗଦାଧର ପାହାଡ଼ସିଂ ଓ ତାଙ୍କ ପତ୍ନୀ ନଳିନୀ ପାହାଡ଼ସିଂ ଏବଂ ବିକାଶ ମହାନ୍ତି ଓ ପତ୍ନୀ ମାନସୀ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ନିୟମିତ ପୂଜାନୀତି ସହିତ ମଧ୍ୟାହ୍ନରେ ଦେବତାଙ୍କ ମହାସ୍ନାନ, ମଧ୍ୟରାତ୍ରରେ ପ୍ରାଣ ପ୍ରତିଷ୍ଠା ନୀତି ହେବ। ଶୁକ୍ରବାର ମହାବିଷୁବ ସଂକ୍ରାନ୍ତି ଅବସରରେ ପୂର୍ବାହ୍ନରେ ଶ୍ରୀରାମ ଲକ୍ଷ୍ମଣଙ୍କ ଉପନୟନ, ଶିବଧନୁ ଭଗ୍ନ, ସୀତା ବିବାହ, ଅପରାହ୍ନରେ ନୂତନ ବିଗ୍ରହଙ୍କ ନଗର ପରିକ୍ରମା, ଦେବତା ସ୍ଥାପନ, ସନ୍ଧ୍ୟା ଆରତି,ସରଯୁ ପୁଷ୍କରିଣୀ ଲୋକାର୍ପଣ, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ଆଲୋକ ରଥ,ସୁରେନ୍ଦ୍ର ମଲ୍ଲ, ଅନାମ ଚରଣ ନାୟକ, ଅରୁଞ୍ଜନ ନାୟକ, କେବି ସାହୁ ଓ ଶମ୍ଭୁ ପାତ୍ର ପରିଚାଳନା କରୁଛନ୍ତି।

